## ସାପ କାମୁଡ଼ାରେ ଯୁବକ ମୃତ

ପାଟଣା,( ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦିଗପଶି ପଞ୍ଚାୟତ ଚଢ଼େଇ ଭୋଳ ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଗୋବର୍ଦ୍ଧନ ହେମ୍ବ୍ରମ (୨୬)। ସେ ବିଲରେ କାମ କାରୁଥିବା ବେଳେ ଗୋଡ଼କୁ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ବୁଧବାର କରଞ୍ଜିଆ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାଷ୍ଟ୍ରପତିଙ୍କ ଉପହାରରେ ସମ୍ବର୍ଦ୍ଧିତ ହେଲେ ୨ ସ୍ୱାଧୀନତା ସଂଗ୍ରାମୀ




ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧାମନଗର,୯।୮(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଗର୍ବ ଓ ଗୌରବ ଦୁଇ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ଗୋସ୍ୱାମୀ ଓ ବ୍ରଜକିଶୋର ରାଉତଙ୍କୁ ବୁଧବାର ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମାନୀତ କରାଯାଇଛି। ଗୌରୀଶ୍ୟାମଙ୍କ ଧୂଷୁରୀ ପଞ୍ଚାୟତ ଅନ୍ତର୍ଗତ ସୂର୍ଯ୍ୟପୁର ଗ୍ରାମରେ ଏବଂ ୯୫ ବର୍ଷୀୟ ବ୍ରଜକିଶୋରଙ୍କୁ ବୟାଗଡିହ ପଞ୍ଚାୟତ କମାରବନ୍ଧ ଗ୍ରାମରେ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନୀବାଳା ବିଶ୍ୱାଳ, ବିଡିଓ ବନବିହାରୀ ଦିନ୍ଦା, ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ ସୌମ୍ୟଜିତ ବେହେରା, ଅରୁଣ କୁମାର ବସନ୍ତିଆ ପ୍ରମୁଖ ରାଷ୍ଟ୍ରପତିଙ୍କ ପ୍ରେରିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ନେତା ବିଦ୍ୟାଧର ଜେନା, ରମେଶ ବେହେରା, ମାନସ ରଞ୍ଜନ ସାହୁ, ବରିଷ୍ଠ ନାଗରିକ ପରିଷଦର ନରେନ୍ଦ୍ର କୁମାର ମଲ୍ଲିକ, ରାମଚନ୍ଦ୍ର ସାହୁ, ନିରାକାର ଧଳ, ଗୌରହରି ପାଢ଼ୀ, ସୁରେନ୍ଦ୍ର ରାଉତ, ସାମାଜିକକର୍ମୀ କୁମାରେଶ ଖିଲାର, ଗୌରାଙ୍ଗ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ୭ ଦେଶୀ ବନ୍ଧୁକ ଜବତ

ଠାକୁରମୁଣ୍ଡା,୯।୮(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଧୀନ ଜଙ୍ଗଲରେ ଶିକାରୀମାନେ ଲୁଚାଇ ରଖିଥିବା ୭ ଦେଶୀ ବନ୍ଧୁକ ବୁଧବାର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହାୟତାରେ ବନ କର୍ମଚାରୀମାନେ ଜବତ କରିଛନ୍ତି। ଏହି ବନ୍ଧୁକଗୁଡ଼ିକ ଠାକୁରମୁଣ୍ଡା ଥାନା ଜିମା ଦିଆଯାଇଛି।

ସୂଚନା ଅନୁଯାୟୀ, ଶିମିଳିପାଳରେ କାର୍ଯ୍ୟରତ ୨ ବନ କର୍ମଚାରୀଙ୍କୁ ଶିକାରୀମାନେ ହତ୍ୟା କରିବା ପରେ ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ପୋଲିସ ଓ ବନ ବିଭାଗ ପକ୍ଷରୁ ବନ୍ଧୁକ ଆତ୍ମସମର୍ପଣ ଅଭିଯାନ ଆରମ୍ଭ କରାଯାଇଥିଲା। ଜୁଲାଇ ୩୧ ତାରିଖ ବନ୍ଧୁକ ଆତ୍ମସମର୍ପଣର ଶେଷ ଦିନ ରଖାଯାଇଥିଲା। ଧାର୍ଯ୍ୟ ତାରିଖ ପରେ ବନ୍ଧୁକ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଚାର କରାଯାଇଥିଲା। ତେବେ ଶେଷ ଦିନରେ ସ୍ଥାନୀୟ ସରପଞ୍ଚମାନଙ୍କ ନିକଟରେ ଶିକାରୀମାନେ ୨୪ ଦେଶୀ ବନ୍ଧୁକ ସମର୍ପଣ କରିଥିଲେ। ସେଗୁଡିକ ମହୁଲଡିହା ଓ ଠାକୁରମୁଣ୍ଡା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଏହାର ୮ ଦିନ ପରେ ଠାକୁରମୁଣ୍ଡା ରେଞ୍ଜ ଅଧୀନ ଭେଜଡିହା ଲାଇନ ଚଟଣିବୁରୁ ଜଙ୍ଗଲରେ ଥିବା ବିଭିନ୍ନ ଗଛ କୋରଡ଼, ପଥର ଖୋଲ ଭିତରେ ଶିକାରୀମାନେ ବନ୍ଧୁକ ଲୁଚାଇଥିବା ନେଇ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଓ ୱାର୍ଡ ସଭ୍ୟ ଗୋବିନ୍ଦ ଲାମାୟା, ନାରାୟଣ ହୋ ବନ ବିଭାଗକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ ଓ ଅନ୍ୟ ବନ କର୍ମଚାରୀମାନେ ଜଙ୍ଗଲ ଭିତରେ ଖୋଜାଖୋଜି କରି ୭ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି।



ବନ କର୍ମଚାରୀମାନେ ଜବତ କରିଥିବା ଦେଶୀ ବନ୍ଧୁକ।

# ପଦ ଫେରିପାଇଲେ ବିଦେଇପୁର ସମିତିସଭ୍ୟ

ଭଦ୍ରକ,୯।୮(ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତ ସମିତିସଭ୍ୟ ଶରତ ମଳିକ ତାଙ୍କ ପଦ ଫେରିପାଇଛନ୍ତି। ୩ ସନ୍ତାନ ଥିବା ଅଭିଯୋଗକୁ ଭିତ୍ତିକରି ବାସୁଦେବପୁର ବରିଷ୍ଠ ଦେୱାନୀ ଜଜ୍ ତାଙ୍କ ସଭ୍ୟପଦ ରଦ୍ଦ କରିଥିବା ବେଳେ ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ଦେୱାନୀ ଜଜଙ୍କ ଆଦେଶ ଉପରେ ବୁଧବାର ଅଙ୍କୁଶ ଲଗାଇଛନ୍ତି। ଫଳରେ ଶରତ ପୁନଶ୍ଚ ତାଙ୍କ ସମିତିସଭ୍ୟ ପଦ ଫେରିପାଇଛନ୍ତି।

ପ୍ରକାଶ ଯେ, ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଦେଇପୁର ପଞ୍ଚାୟତ ସମିତିସଭ୍ୟ ପଦ ଅନୁସୂଚିତ ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା। ଶରତ ମଳିକ ସର୍ବାଧିକ ୧୩୬୬ ଖଣ୍ଡ ଭୋଟ ପାଇ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଚତୁର୍ଭୁଜ ସେଠୀ ୧୩୩୫ ଖଣ୍ଡ ଭୋଟ ପାଇଥିଲେ। ୨୦୨୨ ଫେବୃୟାରୀ ୨୧ରେ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ପରଦିନ ଅର୍ଥାତ୍ ୨୨ ତାରିଖ ନାମାଙ୍କନ ପତ୍ର ଯାଞ୍ଚ ଦିନ ସକାଳେ ଶରତଙ୍କର ତୃତୀୟ ସନ୍ତାନ ଜନ୍ମ ହୋଇଥିଲା। ତାଙ୍କ ପ୍ରତିଦ୍ୱନ୍ଦୀ ଚତୁର୍ଭୁଜ ନିର୍ବାଚନ ଅଧିକାରୀଙ୍କ ନିକଟରେ ଶରତଙ୍କର ୩ଟି ପିଲା ଥିବା ଦର୍ଶାଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ନିର୍ବାଚନ ଅଧିକାରୀ ଖାରଜ କରି ଦେବାରୁ ଶରତ ନିର୍ବାଚନ ଲଢ଼ିଥିଲେ। ଏନେଇ ଚତୁର୍ଭୁଜ ବାସୁଦେବପୁର ବରିଷ୍ଠ ଦେୱାନୀ ଜଜ୍‌ଙ୍କ କୋର୍ଟରେ ମାମଲା (ମିସ୍ କେସ୍‌ନଂ.୧/୨୨) ରୁଜୁ କରିଥିଲେ। ଜୁଲାଇ ୨୭ରେ ଦେୱାନୀ ଜଜ୍ ଏହି ମାମଲାର ବିଚାର କରି ଓଡ଼ିଶା ପଞ୍ଚାୟତ ସମିତି ଆଇନର ଧାରା ୪୪ ଅନୁଯାୟୀ ଶରତଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଚତୁର୍ଭୁଜ ସେଠୀଙ୍କୁ ସମିତିସଭ୍ୟ ଘୋଷଣା କରିବା ସହ ତୁରନ୍ତ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଶରତ ଭଦ୍ରକ ଜିଲା ଜଜ୍‌ଙ୍କ କୋର୍ଟରେ ନିର୍ବାଚନ ଅପିଲ (ନଂ.୬୫/୨୩) ଦାଖଲ କରିଥିଲେ। ଶରତଙ୍କ ପକ୍ଷରୁ ଭଦ୍ରକର ବରିଷ୍ଠ ଆଇନଜୀବୀ ଗଦାଧର ବଳ, ସଞ୍ଜୟ କୁମାର ମାଝି, ଜୟନ୍ତ କୁମାର ଭୋଇ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।

# ଅପପ୍ରଚାର ନେଇ ଥାନାର ଆଶ୍ରୟ ନେଲେ ସରପଞ୍ଚ

ଖଇରା, ୯।୮(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ସରପଞ୍ଚ ୩୦ହଜାର ଅର୍ଥ ଲାଞ୍ଚ ମାଗୁଥିବା ନେଇ ସାଧାରଣରେ ଅପପ୍ରଚାର କରିବା ଏବଂ ଏକ ବୈଠକ ଚାଲୁଥିବା ବେଳେ ରଫାୟାତପୁର ଗ୍ରାମର ଭାସ୍କର ଜେନା ସର୍ବ ସମ୍ମୁଖରେ ଗାଳିଗୁଲଜ କରିଥିବା ନେଇ ସରପଞ୍ଚ ମଦନମୋହନ ସାନ୍ତରା ମଙ୍ଗଳବାର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଉକ୍ତ ବ୍ୟକ୍ତି ସାମାଜିକ ଏବଂ ଅନ୍ୟାନ୍ୟ ଗଣମାଧ୍ୟମରେ ବିଭିନ୍ନ ଆକ୍ଷେପମୂଳକ ମନ୍ତବ୍ୟ ଦେଉଥିବା ନେଇ ସରପଞ୍ଚ ବେହେରା ଉଲ୍ଲେଖ କରିଛନ୍ତି। ଘଟଣାର ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଇରା ପୋଲିସ କହିଛି। ଯଦି ଆବାସ ପାଇଁ କାହାରି ଠାରୁ ଲାଞ୍ଚ ନେଇଥିବା ପ୍ରମାଣ ଦିଅନ୍ତି ତେବେ ସେ ସ୍ୱେଚ୍ଛାକୃତ ଭାବେ ଦଣ୍ଡିତ ହେବାକୁ ପ୍ରସ୍ତୁତ ବୋଲି ସରପଞ୍ଚ କହିଛନ୍ତି ।

# ଲୁହାପଥର ବୋଝେଇ ଟ୍ରକ ଚାପାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୯।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ପିପିଳିଆ କଲେଜ ନିକଟରେ ବୁଧବାର ସନ୍ଧ୍ୟା ସାଢେ ୭ ଟା ବେଳେ ଏକ ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଘଟଗାଁ ବ୍ଲକ୍ ମନହରପୁର ପଞ୍ଚାୟତ ପର୍ଶୁରାମପୁର ଗ୍ରାମର ସୁବାସ ମହାକୁଡ଼ (୪୦)। ସୁବାସ ପିପିଳିଆ ସପ୍ତାହିକ ହାଟ୍‌ରୁ ଘରକୁ ଫେରୁଥିଲେ। ସେ ସମୟରେ କେନ୍ଦୁଝର ଖଣି ଅଞ୍ଚଳରୁ ପାରାଦ୍ୱୀପକୁ ଯାଉଥିବା ଲୁହାପଥର ବୋଝେଇ ଟ୍ରକ୍ (ନଂ. ଓ.ଡି.୦୯.ପି –୨୬୮୯) ସୁବାସଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୁବାସ ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ। ପରିବାର ବର୍ଗଙ୍କୁ ସହାୟତା ଦାବିରେ ସରପଞ୍ଚ ଦୁଃଶାସନ ନାୟକଙ୍କ ସହ ଜନସାଧାରଣ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ସବଇନ୍ସପେକ୍ଟର ତରଣୀସେନ ବାଗ, ଘଟଗାଁ ଥାନା ଆଇଆଇସି ଅଞ୍ଜନ ପାତ୍ର ପହଞ୍ଚି ଜନସାଧାରଣଙ୍କୁ ବୁଝାସୁଝା କରି ମୃତଦେହକୁ ରାସ୍ତାରୁ ଉଠାଇଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି। ଦୁର୍ଘଟଣାପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଘଟଗାଁ ଥାନା ଆଇଆଇସି ଓ ଏସ୍‌ଡିପିଓ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଭାଷା, ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱ

## ବିଶ୍ୱ ଆଦିବାସୀ ଅନ୍ତର୍ଜାତୀୟ ଦିବସ

ନୀଳଗିରି, ୯।୮(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଅନ୍ତର୍ଜାତୀୟ ଦିବସ–୨୦୨୩ ପାଳିତ ହୋଇଛି। ଏହି ଅବସରରେ ବୁଧବାର ସଜନାଗଡ଼ ମା' ଭୂଧାରଚଣ୍ଡୀ ମନ୍ଦିର ସମ୍ମୁଖ ଉଡ଼ାପଡ଼ିଆରେ ବାଲେଶ୍ୱର ଜିଲାର ନବନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମଦନମୋହନ ମାଝିଙ୍କ ଆବାହକତ୍ୱରେ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ଆଦିବାସୀଙ୍କର ଜମି, ଜଳ, ଜଙ୍ଗଲ, ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆଦିବାସୀମାନେ ଶିକ୍ଷା ପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ସାଲୁ କୁମାର ଟୁଡୁ, ମୁଖ୍ୟବକ୍ତା ମଦନମୋହନ ମାଝି, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ଜିଲାପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ଓ ରଞ୍ଜିତା ସିଂ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡି, ସଜନାଗଡ଼ ସରପଞ୍ଚ ପ୍ରଦୀପ ଖାଲପାଲିଆ, କାଂଶ ସରପଞ୍ଚ ରୂପା ସିଂ, ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ଫ୍ରାନ୍ସିସ ବେକନ ସ, ରବୀନ୍ଦ୍ର ନାୟକ, ଜିତେନ୍ଦ୍ର ହାଁସଦା, ରଘୁନାଥ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଅନୁରୂପ ଭାବେ ନୀଳଗିରି ବ୍ଲକର ତେଲିପାଳଠାରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବିଶ୍ୱ ଆଦିବାସୀ ଅନ୍ତର୍ଜାତୀୟ ଦିବସ ପାଳିତ ହୋଇଥିଲା। ସାମାଜିକ କର୍ମୀ ଉପେନ୍ଦ୍ର ଦାସ, ମଣ୍ଡଳ ସଭାପତି ଅକ୍ଷୟ ବେହେରା, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଉପେନ୍ଦ୍ର ନାୟକ, ରାମଚନ୍ଦ୍ର ସିଂ, ସେରାଲ ବାସ୍କେ, ସଞ୍ଜୟ ସିଂ, ଗୋବିନ୍ଦ ସାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ଅଗଷ୍ଟ ୨୦୨୩

**କେନାଲରୁ ଯୁବକଙ୍କ ମୃତଦେହ ଜବତ**

ଖୁଣ୍ଟା,(ଦେବରଞ୍ଜନ ବେହେରା): ଖୁଣ୍ଟା ଥାନା ଅଧୀନ ବଡ଼ ମାମୁଡ଼ିଆ ଗ୍ରାମର ଏକ କେନାଲରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କରକଟିଆ ପଞ୍ଚାୟତ ବଡ଼ ମାମୁଡ଼ିଆ ଗ୍ରାମର ସୁରେନ୍ଦ୍ର ସିଂ। ମଙ୍ଗଳବାର ଅପରାହ୍ଣରେ ସେ ଚାଷ କାମ ସାରି ଉକ୍ତ କେନାଲକୁ ଗାଧୋଇବାକୁ ଯାଇଥିଲେ । ମାତ୍ର ବିଳମ୍ବିତ ରାତ୍ରୀ ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାରବର୍ଗ ଉକ୍ତ ରାତିରେ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ସକାଳେ କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।



## ସଂକ୍ଷେପରେ

### ଯୋଡ଼ା ଶାସ୍ତ୍ରୀନଗରରୁ ଅଜଗର ଉଦ୍ଧାର



ଯୋଡ଼ା,୯।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଶାସ୍ତ୍ରୀନଗରରୁ ମଙ୍ଗଳବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟିର ଲମ୍ବ ପ୍ରାୟ ୮ରୁ ୧୦ ଫୁଟ ହେବ। ଶାସ୍ତ୍ରୀନଗରର ଜଣେ ବ୍ୟକ୍ତିଙ୍କ ଘର ନିକଟ ବାଡ଼ିରେ ସାପଟି ବୁଲୁଥିବା ଲୋକେ ଦେଖିଥିଲେ। ଏନେଇ ବନ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ସ୍ନେକ ରେସ୍କ୍ୟୁ ଟିମ୍, ୱାଇଲ୍ଡ ଲାଇଫ ବିଶେଷଜ୍ଞଙ୍କୁ ନେଇ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ଝରଣସ୍ଥିତ ବୈତରଣୀ (ଖ)ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ବନପାଳ ତ୍ରିନାଥ ଜେନା କହିଛନ୍ତି। ୱାଇଲ୍ଡ ଲାଇଫ ବିଶେଷଜ୍ଞ ଶିବାଶିଷ ସାହୁ ଓ ଶାନ୍ତିଭୂଷଣ ସାହୁ ଅଜଗରକୁ ଉଦ୍ଧାର କରିବା ପରେ ସାପଟି ରୋକ ପାଇଥନ ଓ ଏହା ଦ୍ରୁତଗତିରେ ବିଲୁପ୍ତ ହେଉଥିବାରୁ ଏହାକୁ ସିଡୁଲ-୧ ପ୍ରାଣୀ ଭାବେ ମାନ୍ୟତା ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ।

### ହାତୀ ଆକ୍ରମଣରେ ଜଣେ ମୃତ

ଝୁମ୍ପୁରା,୯।୮(ଶଶିଭୂଷଣ ସାହୁ): କେନ୍ଦୁଝର ଜିଲା ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଦେଓଝର ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କର ବୟସ ୩୫ ରୁ ୪୦ ମଧ୍ୟରେ ହେବ ବୋଲି ବାଲିବନ୍ଧ ଫରେଷ୍ଟର ବୁଲୁ ନାହକ କହିଛନ୍ତି। ଗ୍ରାମର କେତେଜଣ ଲୋକ ଜଙ୍ଗଲକୁ ଯାଇଥିବା ବେଳେ ମୃତଦେହ ଦେଖି ବନ ବିଭାଗ ଓ ବାମେବାରୀ ପୋଲିସକୁ ସୂଚନା ଦେଇଥିଲେ। ଦେଓଝର ଜଙ୍ଗଲରେ ହାତୀପଲ ରହିଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ ପରେ ବନ ବିଭାଗ ପକ୍ଷରୁ ହାତୀ ଆକ୍ରମଣରେ ବ୍ୟକ୍ତି ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବାମେବାରୀ ପୋଲିସ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ ପରେ ଶବକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଶବାଧାର ଗୃହରେ ରଖାଯିବ। କେହି ସମ୍ପର୍କୀୟ ନ ଆସିଲେ ଦାହ କରାଯିବ ବୋଲି ସୂଚନା ମିଳିଛି।

### 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ

ବୈଶିଙ୍ଗା,୯।୮(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶପ୍ରେମ ଜାଗ୍ରତ କରିବା ସହ ପରିବେଶ ସଚେତନତା ପାଇଁ ବୃକ୍ଷରୋପଣ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ରେଡକ୍ରସ ଛାତ୍ରୀଛାତ୍ର ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀବୃନ୍ଦ। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଉମାକାନ୍ତ ପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ସ୍ଥଳବାହିନୀର ଅବସରପ୍ରାପ୍ତ ମେଜର ସୁମନ୍ତ କୁମାର ବେହେରା,ସମ୍ମାନିତ ଅତିଥି ବାୟୁସେନାର ଅବସରପ୍ରାପ୍ତ ସର୍ଜେଣ୍ଟ ଅଜୟ କୁମାର ସାହୁ ଏବଂ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ପିଲାମାନଙ୍କୁ ଶୃଙ୍ଖଳିତ ଓ କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ଇଂରାଜୀ ବିଭାଗର ପ୍ରାଧ୍ୟାପକ ବିରେନ୍ଦ୍ର କୁମାର ବେହେରା ଯୋଗଦେଇ ଦେଶ ସୁରକ୍ଷା ଏବଂ ବିଭିନ୍ନ ବିପର୍ଯ୍ୟୟ କାଳରେ ଯବାନ ମାନଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ହରେକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବୈତରଣୀ ବନ୍ୟାକୁ ନେଇ ବୈଠକ ସରଗରମ

## ପଞ୍ଚମ ପଞ୍ଚାୟତ ସମିତି ବୈଠକ

ଭଣ୍ଡାରିପୋଖରୀ,୯।୮(ରବିନାରାୟଣ ଖୁଣ୍ଟିଆ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହରେ ଅଧ୍ୟକ୍ଷା ସୁମତି ସେଠୀଙ୍କ ଅଧ୍ୟକ୍ଷତାରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଜରିଆରେ ଗ୍ରାମାଞ୍ଚଳ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଦିଗରେ ରାଜ୍ୟ ସରକାର ସଦା ଯତ୍ନବାନ ବୋଲି ଗୃହକୁ ଜଣାଇଥିଲେ। ବୈଠକରେ ଚଳିତ ବୈତରଣୀ ବନ୍ୟା ସମ୍ପର୍କରେ ଆଲୋଚନା ସରଗରମ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ବନ୍ୟା ସମୟରେ ବିଭିନ୍ନ ଗୁରୁତର ରୋଗୀ ଓ ଗର୍ଭବତୀଙ୍କ ନିକଟରେ ପହଞ୍ଚି ନ ଥିବା ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଅଭିଯୋଗ କରିଥିଲେ। ଏହାବ୍ୟତୀତ ମ୍ୟାଲେରିଆ ଓ ଡେଙ୍ଗୁ ବାବଦରେ ସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ନ ଥିବା ମଧ ଅଭିଯୋଗ ହୋଇଥିଲା। ବୈତରଣୀ ପାଣି ଯୋଗୁ କିଛି ମାତ୍ରାରେ ଧାନ ତଳି ନଷ୍ଟ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ହୋଇଛି। ଡିଜିଟାଲ ସର୍ଭେ ମାଧ୍ୟମରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି କୃଷି ଅଧିକାରୀ ଗୃହକୁ ଜଣାଇଥିଲେ। ଜଳ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, ବନ୍ୟା ପାଣି ଯୋଗୁ ନଳକୂପ କ୍ଷତିଗ୍ରସ୍ତ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଓ ବ୍ଲିଚିଂ ବଣ୍ଟନ ସହିତ ନଳକୂପ ମରାମତି ହୋଇଥିବା ବିଭାଗୀୟ ଯନ୍ତ୍ରୀ ଗୃହକୁ ଜଣାଇଥିଲେ। ସ୍ୱଚ୍ଛତା ପାଇଁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସୁଚାରୁ ରୂପେ ହେଉଥିବା ବେଳେ ୫-ଟି ବିଦ୍ୟାଳୟ କାର୍ଯ୍ୟପନ୍ଥା ଓ ଶିକ୍ଷାଦାନ ବାବଦରେ ମଧ ଆଲୋଚନା ହୋଇଥିଲା। ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥରତାକୁ ନେଇ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଗତ ଛଅ ମାସ ଭିତରେ ୧୧ଶହ ବ୍ୟକ୍ତିଙ୍କ ନାମ ରାସନକାର୍ଡରେ ସଂଯୋଗ ହୋଇଥିବା ଯୋଗାଣ ଅଧିକାରିଣୀ ଗୃହରେ ସୂଚନା ଦେଇଥିବା ବେଳେ ଭତ୍ତା ବଣ୍ଟନ ବ୍ୟବସ୍ଥା ନେଇ ସାମାଜିକ ସୁରକ୍ଷା ଅଧିକାରିଣୀ ଗୃହକୁ ଜଣାଇଥିଲେ। ଭଣ୍ଡାରିପୋଖରୀ କନିଷ୍ଠ ମହାବିଦ୍ୟାଳୟଠାରେ +୨ ବିଜ୍ଞାନ ଓ ବାଣିଜ୍ୟ ସହିତ +୩ ପାଠ୍ୟକ୍ରମ ଖୋଲିବା ପାଇଁ ସମିତିସଭ୍ୟ ଗୁରୁପ୍ରସାଦ ଗିରି ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିଜୁ ଜ୍ୟୋତି ବାବଦରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଗୃହକୁ ସୂଚନା ଦେଇଥିବା ବେଳେ ସଂଯୋଗ ନଥାଇ ବିଦ୍ୟୁତ ବିଲ ଆସୁଥିବା କିଛି ସଭ୍ୟ ଅଭିଯୋଗ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସାଂସଦଙ୍କ ପ୍ରତିନିଧି ଲଳିତ ରାଉତ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ରଞ୍ଜନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମାଝୀ, ଧନେଶ୍ୱର ଖୁଣ୍ଟିଆ, ସାଧନାଞ୍ଜଳି ମହାପାତ୍ର, ଅନିତା ରାଉତ, ସମିତିସଭ୍ୟ ପ୍ରତାପ ଦ୍ୱିବେଦୀ, ରିତାଞ୍ଜଳି ସାମଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ ପରିଚାଳନା କରିଥିଲେ।

# ବନ୍ୟା ଛାଡ଼ିଲା, ଦୁର୍ଦ୍ଦଶା ବଢ଼ିଲା



ବିପନ୍ନଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଧୂଷୁରୀ,୯।୮ (କପିଳଦେବ ବିଶ୍ୱାଳ)

ବୈତରଣୀରେ ଆସିଥିବା ବନ୍ୟା ଛାଡ଼ିଗଲା କିନ୍ତୁ ବନ୍ୟାଞ୍ଚଳରେ ଦୁର୍ଦ୍ଦଶା ବଢ଼ିଗଲା। ଧାମନଗର ବ୍ଲକ ଅଧୀନ ଧୂଷୁରୀ, କୋଠାର, ନଦୀଗାଁ, ଭଞ୍ଜସାହି, ସାହସପୁର, ହସନାବାଦ, ବମକୁରା, ରଇପୁର, ଫତେପୁର, କାସିମପୁର, ଅସୁରାଳୀ, ପାଳସାହି ଆଦି ୧୩ ଗୋଟ ପଞ୍ଚାୟତରେ ବନ୍ୟା ପାଣି ଛାଡ଼ିଗଲା ପରେ ଦୁର୍ଦ୍ଦଶା ବଢ଼ିଯାଇଛି। କେଉଁଠି ରାସ୍ତାର ଅବସ୍ଥା ଧୋଇଯାଇ ଶୋଚନୀୟ ହୋଇଛି ତ କେଉଁଠି ଘର ଧସିଯାଇଛି। ଆଶ୍ରୟସ୍ଥଳରୁ ଘରକୁ ଫେରିବା ପରେ ଧସିଯାଇଥିବା ଚାଳଛପର ଘରକୁ ଲୋକେ ସଜାଡ଼ିବାରେ ଲାଗିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଧାମନଗର ଗସ୍ତରେ ଆସି ଘୋଷଣା ୭ ଦିନର ରିଲିଫ ଓ ଗୋଖାଦ୍ୟ ଦେବା ପାଇଁ କହିଯାଇଥିଲେ। କିନ୍ତୁ ବନ୍ୟା ଛାଡିବାର ୬ଦିନ ବିତିଯାଇଥିଲେ ମଧ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚି ପାରିନାହିଁ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ଅସୁବିଧା ଶୁଣିବା ସହିତ ଆଶ୍ୱାସନା ଦେଇଥିଲେ ଏହାର ସୁବ୍ୟବସ୍ଥା ପାଇଁ ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀ ଓ ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଛନ୍ତି।

# ବାରଣ୍ଡାରେ ପଢୁଛନ୍ତି ୫-ଟି ବିଦ୍ୟାଳୟର ଛାତ୍ରୀଛାତ୍ର



ସ୍କୁଲ ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

ସିମୁଳିଆ, ୯।୮ (ସନ୍ତୋଷ ନାୟକ)

ଶିକ୍ଷାର ମାନ ବଢ଼ାଇବା ପାଇଁ ସରକାର ୫-ଟି ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ନବକଳେବର କରିଛନ୍ତି। ବିଦ୍ୟାଳୟକୁ ସବୁଜ ରଙ୍ଗରେ ରଙ୍ଗାଇବା ସହିତ ପରିସରରେ ସ୍ମାର୍ଟ କ୍ଲାସରୁମ୍, ଶୌଚାଳୟ, ଟିକ୍କଣ ଟାଇଲ, ପକ୍କା ସଡ଼କ ଆଦି ଉନ୍ନୟନ ରୂପାନ୍ତରଣ କରାଯାଇଛି। ତେବେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଆଦର୍ଶ ଶିକ୍ଷାବିତ୍ ବଙ୍କିମଚନ୍ଦ୍ର ମହାରଣାଙ୍କ ଦ୍ୱାରା ୧୯୬୭ରେ ସ୍ଥାପିତ ସରକାରୀ ଉଚ୍ଚ ବିଦ୍ୟାଳୟ ବରିରେ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖାଯାଇଛି। ଗତ ୨୦୨୧-୨୨ରେ ସରକାର ଏହାକୁ ୫-ଟି ସ୍କୁଲରେ ଯୋଡ଼ିଥିଲେ ହେଁ ଆବଶ୍ୟକ ଶ୍ରେଣୀଗୃହ ଅଭାବ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ କରିଛି।

ପୂର୍ବରୁ ଏହି ବିଦ୍ୟାଳୟରେ ୮ମରୁ ୧୦ମ ପର୍ଯ୍ୟନ୍ତ ୩ଟି ଶ୍ରେଣୀ ପରିଚାଳିତ ହେଉଥିଲା। ଗତ ୨୦୧୭ରେ ନୋଡ଼ାଲ ସହିତ ଏମ୍‌ଇ ଓ ହାଇସ୍କୁଲ ମିଶିଥିଲା। ବର୍ତ୍ତମାନ ଗୋଟିଏ ହତା ପରିସରରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଥିବା ବେଳେ ୬୭୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେମାନଙ୍କ ମଧ୍ୟରେ ୨୯୦ଜଣ ଛାତ୍ରୀ ଓ ୩୮୦ଛାତ୍ର ଅଛନ୍ତି। ସେହିପରି ଶିକ୍ଷାଦାନ ପାଇଁ ୨୧ଜଣ ଶିକ୍ଷାକର୍ମୀ ଅଛନ୍ତି। ତେବେ ୧ମରୁ ୧୦ମ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ଗୃହ ପରିବର୍ତ୍ତେ ୮ଟି ଗୃହ ରହିଛି। ସେହିପରି ୧୦ମ ଶ୍ରେଣୀରେ ୧୧୮ଜଣ ଛାତ୍ରୀଛାତ୍ରଙ୍କୁ ଗୋଟାଏ ଗୃହରେ ବସିବା ସମ୍ଭବ ହେଉ ନ ଥିବାରୁ ଆଉ ଗୋଟିଏ ଘର ଆବଶ୍ୟକତା ଥିବା ଜଣାଯାଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ବିଦ୍ୟାଳୟ ପରିସରରେ ୧୯୮୦ରେ ନିର୍ମିତ ଆଜବେଷ୍ଟସ୍ ଗୃହର ଦୁଇ ବଖରାରେ ଦୁଇଟି ଶ୍ରେଣୀ ପରିଚାଳିତ ହେଉଥିଲା। ତେବେ ଘରର ଛାତରୁ ପାଣି ଗଳିବା ସହିତ ଅସୁରକ୍ଷିତ ହୋଇପଡିଥିବାରୁ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପରିଚାଳିତ ଗୃହ ବାରଣ୍ଡାରେ ସପ୍ତମ ଶ୍ରେଣୀର ୯୦ଜଣ ଛାତ୍ରୀଛାତ୍ର ବସି ପାଠ ପଢୁଥିବା ସୂଚନା ଦେଇଛନ୍ତି। ସେହିପରି ଏହି ବିଦ୍ୟାଳୟରେ ୨ଜଣ ଶିକ୍ଷକଙ୍କ ସମେତ ୨ଜଣ ପିଅନଙ୍କ ପଦବୀ ଗତ ୨ବର୍ଷ ହେଲା ଫାଙ୍କା ପଡ଼ିଥିବା ଜଣାଯାଇଛି ।

# ବିଦ୍ୟୁତ୍ ନ ଥିଲେ ବ୍ୟାଙ୍କ କାର୍ଯ୍ୟ ବନ୍ଦ

ବନ୍ତ,୯।୮ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ପୁରୁଣା ବଜାରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ବିଦ୍ୟୁତ୍ ନ ରହିଲେ ସେବା ବନ୍ଦ ରହୁଥିବା ଦେଖାଯାଇଛି। ଉକ୍ତ ବ୍ୟାଙ୍କ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ ତଥା ବନ୍ତ ସଦର ମହକୁମାରେ ଗତ ୧୦ ବର୍ଷ ହେବ ପ୍ରତିଷ୍ଠା ହୋଇଥିଲା। ବ୍ୟାଙ୍କ ଉପରେ ଅନ୍ୟୁନ ୧୦ରୁ ୧୫ ପଞ୍ଚାୟତର ଗ୍ରାହକ ନିର୍ଭର କରିଆସୁଛନ୍ତି। ମାତ୍ର ବ୍ୟାଙ୍କରେ ଡିଜେଲ ଜେନେରେଟର(ଡି.ଜି) କିମ୍ବା ଇନଭର୍ଟର ନ ଥିବାରୁ ବିଦ୍ୟୁତ୍ ଚାଲିଗଲେ ବ୍ୟାଙ୍କ କାର୍ଯ୍ୟ ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଛି। ବୁଧବାର ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ନ ଥିବାରୁ ୪ ଘଣ୍ଟା ଧରି ବ୍ୟାଙ୍କର କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ଫଳରେ ବହୁ ଗ୍ରାହକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବାହାରେ ଗରମରେ ଅପେକ୍ଷା କରିଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ ପଚାରିବାରୁ ସେ କୌଣସି ମତାମତ ରଖିବାକୁ ମନାକରିଦେଇଥିଲେ। ତେବେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଫାଇଲେରିଆ ଔଷଧ ଖାଇଲେ ଜିଲାପାଳ

## ନିରାକରଣ ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ

ବାରିପଦା,୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନକୁ ସଫଳ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବୁଧବାର ଜିଲାପାଳ ବିନୀତ ଭରଦ୍ୱାଜ ତାଙ୍କ କାର୍ଯ୍ୟାଳୟ କକ୍ଷରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉକ୍ତ ଔଷଧକୁ ସେବନ କରିଥିଲେ। ଫାଇଲେରିଆ ନିରାକରଣ ନିମନ୍ତେ ଚଳିତ ଅଗଷ୍ଟ ମାସ ୧୦ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ସାମୁହିକ ଔଷଧ ସେବନ ଅଭିଯାନକୁ ସଫଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ଓଡ଼ିଶାରେ ଫାଇଲେରିଆ ରୋଗ ପ୍ରବଣ ୧୧ଟି ଜିଲା ମଧ୍ୟରୁ ମୟୂରଭଞ୍ଜ ଜିଲା ଚିହ୍ନିତ ହୋଇଛି। ତେଣୁ ୨୦୨୭ ସୁଦ୍ଧା ଜିଲାକୁ ଫାଇଲେରିଆ ମୁକ୍ତ କରିବା ନିମନ୍ତେ ପ୍ରୟାସ ଜାରିରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

ଘରକୁ ଘର ଯାଇ ଏହି ଔଷଧ ବଣ୍ଟନ ପାଇଁ ସ୍ୱାସ୍ଥ୍ୟ ଓ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଛି। ମୋଟ ୨୯,୪୩,୮୪୯ ଯୋଗ୍ୟ ବ୍ୟକ୍ତିଙ୍କୁ ସାମୁହିକ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ତେଣୁ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି କୌଣସି ପ୍ରକାର ଭୟଭୀତ ନ ହୋଇ ଉକ୍ତ ଔଷଧକୁ ସେବନ କରି ଜିଲାକୁ ଫାଇଲେରିଆ ମୁକ୍ତ କରାନ୍ତୁ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି।




ଜିଲାପାଳ ବିନୀତ ଭରଦ୍ୱାଜ ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

# ବିଜେଡିରେ ମିଶିଲେ ଶତାଧିକ ନେତା, କର୍ମୀ

ବାଲେଶ୍ୱର, ୯।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ବ୍ଲକ କୁରାଡ଼ିଆ ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁରାଡ଼ିଆ ପଞ୍ଚାୟତ ବିଜେଡି ସଭାପତି ଆଇନଜୀବୀ ଗୌରୀ ବାରିକ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଦଳରେ ନୂତନ କରି ଯୋଗଦେଇଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। କୁରାଡ଼ିଆ ପଞ୍ଚାୟତର ସମିତିସଭ୍ୟ ରାଜକିଶୋର ମହାଲିକ, ୱାର୍ଡ଼ସଭ୍ୟା ଜୟନ୍ତୀ ଧଳ, ସୁଶାନ୍ତ ଧଳ, କୃପାସିନ୍ଧୁ ମହତା, ଗୋପାଳ ମହତା, ତରଣୀ ମହତା, ଗୌତମ ଧଳ, ରାଧାକୃଷ୍ଣ ସେଠୀ, ପଦ୍ମଲୋଚନ ଧଳ, ନାରାୟଣ ରାଉତ, ଜଳଧର ବେହେରା, ପରମାନନ୍ଦ ବେହେରା, ସୁରେନ୍ଦ୍ର ବେହେରା, ରମେଶ ବେହେରା, ଧୀରେନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ବିଜେଡିର ସଭାପତି ବସନ୍ତ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ମନୋଜ ରାଉତ, ଜିଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ସଦର ବ୍ଲକ ବିଜେଡି ଯୁବ ସଭାପତି ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୁରାଡ଼ିଆ ପଞ୍ଚାୟତ ବିଜେଡି ଯୁବ ସଭାପତି ପ୍ରସନ୍ନ ବେହେରା, ବଂଶୀଧର ବେହେରା, ବାଦଲ ଧଳ, ସୃଷ୍ଟିଧର ଧଳ ପ୍ରମୁଖ ସହଯୋଗ କରିଥିଲେ।

# ନାବାଳିକା ଗର୍ଭବତୀଙ୍କୁ ଉଦ୍ଧାରକଲା ଶିଶୁ ମଙ୍ଗଳ କମିଟି

କେନ୍ଦୁଝର,୯।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଶିଶୁ ମଙ୍ଗଳ କମିଟି ବୁଧବାର ଜଣେ ନାବାଳିକା ଗର୍ଭବତୀଙ୍କୁ ଉଦ୍ଧାର କରି ଓପନ ସେଣ୍ଟରରେ ରଖିଛି। ସଦର ବ୍ଲକ୍ ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କୁ ଗର୍ଭବତୀ କରିବା ପରେ ନାବାଳିକାଙ୍କ ବାପା ଉକ୍ତ ବ୍ୟକ୍ତିଙ୍କ ଘରେ ଛାଡ଼ିଦେଇଥିଲେ। ଘଟଣା ଜଣାପଡ଼ିବା ପରେ ଜିଲା ଶିଶୁ ମଙ୍ଗଳ କମିଟି ଉକ୍ତ ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରି ଓପନ ସେଣ୍ଟରରେ ରଖିଥିବା ଜଣାପଡ଼ିଛି। ନାବାଳିକାଙ୍କ ମାନସିକ ଅବସ୍ଥା ଭଲ ନାହିଁ। ତାଙ୍କୁ କାଉନ୍‌ସେଲିଂ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଟିର ଅଧ୍ୟକ୍ଷ ବିଭୂତି ଦାଶ କହିଛନ୍ତି।

# ରୋଟାରି କ୍ଲବ ପକ୍ଷରୁ ଦନ୍ତ ପରୀକ୍ଷା, ରକ୍ତ ବର୍ଗୀକରଣ

ବାଲେଶ୍ୱର, ୯।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରି କ୍ଲବ ତରଫରୁ ସୁନହଟସ୍ଥିତ ଏକ ଘରୋଇ କଲେଜ ପରିସରରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ କିସମର ଚାରାରୋପଣ ସହିତ ନିଃଶୁଳ୍କ ଦନ୍ତ ପରୀକ୍ଷା ଓ ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରିୟାନ ଚିତ୍ତରଞ୍ଜନ ନାୟକ ସଂଯୋଜନା କରିଥିଲେ। ରୋଟାରୀ କ୍ଲବ ସଭାପତି ରୋଟାରିୟାନ ପ୍ରଦୀପ୍ତ କୁମାର ପଣ୍ଡା ଓ ସମ୍ପାଦକ ସୁଧାଂଶୁ ପଣ୍ଡା ଉପସ୍ଥିତ ଥିଲେ। ପ୍ରକଳ୍ପ ଦାୟିତ୍ୱରେ ଥିବା ପୂର୍ବତନ ସଭାପତି ରୋଟାରିୟାନ ଦେବେନ୍ଦ୍ର କୁମାର ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ରୋଟାରୀ କ୍ଲବର ବରିଷ୍ଠ ସଭ୍ୟ ରୋଟାରିୟାନ ସୁବ୍ରତ କର ଏଭଳି କାର୍ଯ୍ୟକ୍ରମ ଉଭୟ ଅନୁଷ୍ଠାନର ସମନ୍ୱୟରେ ପିଲାମାନଙ୍କର ଉଚ୍ଚ ମାନସିକତା ବୃଦ୍ଧି କରିବ ବୋଲି ଆଶା ପ୍ରକଟ କରିଥିଲେ। ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସନତ ଦାସ, ଅଧ୍ୟକ୍ଷା ଡ. ଚିନ୍ମୟୀ ପାଣିଙ୍କ ସମେତ ରୋଟାରିୟାନ ନିକୁଞ୍ଜ କିଶୋର ମହାନ୍ତି, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ବିଷ୍ଣୁଦାସ କୁଣ୍ଡୁ, ରାଜେଶ ବର୍ଦ୍ଧନ, ବିକ୍ରମଜିତ କର, ସନ୍ତୋଷ ନାହାକ, ନନ୍ଦକିଶୋର ମହାନ୍ତି, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ରୋଟାରିୟାନ ପରିଚାଳନାରେ ସହଯୋଗ କରିଥିଲେ।




ରୋଟାରି କ୍ଲବ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

# ଓପି ଜିନ୍ଦଲଙ୍କ ଜନ୍ମୋତ୍ସବ ପାଳିତ

ଯୋଡା(ମାନସ ମହାନ୍ତି)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୯।୮

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରତିଷ୍ଠାତା ଦିବସ ସୋମବାର ଜେଏସ୍‌ପି ଗ୍ରୁପର ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଓ କାସିଆ ଆଇରନ ମାଇନ୍ସରେ ପାଳିତ ହୋଇଯାଇଛି। ସମସ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ, କର୍ମଚାରୀ ଓ ସହଯୋଗୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ପ୍ରଖ୍ୟାତ ଶିଳ୍ପପତି ଓପି ଜିନ୍ଦଲଙ୍କ ୯୩ ତମ ଜନ୍ମୋତ୍ସବ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଦିନିକିଆ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବଡ଼ବିଲ ପେଲେଟ୍ ପ୍ଲାଣ୍ଟରେ ଓପି ଜିନ୍ଦଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା। ପରେ ଟାଉନ୍‌ସିପ ମନ୍ଦିରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି, ମାନବସମ୍ବଳ ବିଭାଗ ମୁଖ୍ୟ ଆଶିଷ ମହାନ୍ତି, ଅନ୍ୟ ବରିଷ୍ଠ କର୍ମଚାରୀ ସେମାନଙ୍କ ପରିବାର



ଅନୁଷ୍ଠିତ ବୈଠକରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ବିଭିନ୍ନ ୟୁନିଟର କର୍ମଚାରୀ ଓ ଅଧିକାରୀମାନେ।

ସଦସ୍ୟଙ୍କ ସହଯୋଗଦେଇଥିଲେ। ରାତିରେ ଟିମ୍ ପେଲେଟ ପ୍ଲାଣ୍ଟ ଦ୍ୱାରା ଏକ ମେଗା ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା। ଜେଏସ୍‌ପି କର୍ମଚାରୀଙ୍କ ବ୍ୟତୀତ ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳରେ ଅବସ୍ଥିତ ଅନ୍ୟ ଶିଳ୍ପଗୁଡ଼ିକର ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କୁ ମଧ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ଦିବସ କାସିଆ ଓ ଟେନ୍ସା ଲୌହ ଖଣିରେ ଥିବା ଟାଉନସିପମାନଙ୍କରେ ମଧ ପାଳିତ ହୋଇଯାଇଛି। ଏହି ଅବସରରେ ଟେନ୍ସାଠାରେ ଲୋକମାନଙ୍କ ପାଇଁ ଏକ ହଜାରେ ଲିଟର ବିଶିଷ୍ଟ ପାଣି ଟାଙ୍କି ଉତ୍ସର୍ଗ କରାଯିବା ସହ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। କାସିଆ ୟୁନିଟ ମୁଖ୍ୟ ପ୍ରମୋଦ ପାତ୍ର ଓ ଟେନ୍ସା ୟୁନିଟ ମୁଖ୍ୟ କମଳାକାନ୍ତ ନନ୍ଦ ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ସମାରୋହରେ ଯୋଗ ଦେଇଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଚେୟାରମ୍ୟାନ ନବୀନ ଜିନ୍ଦଲ ତାଙ୍କ ଟୁଇଟ୍‌ରେ କିମ୍ବଦନ୍ତୀ ପୁରୁଷ ଓପି ଜିନ୍ଦଲଙ୍କୁ ମନେ ପକାଇ କହିଥିଲେ, ବାଉଜୀ ସର୍ବଦା କହୁଥିଲେ, ଦେଶ ପାଇଁ ଯାହା ଭଲ ତାହା କମ୍ପାନୀ ପାଇଁ ମଧ ଭଲ। ବାଉଜୀଙ୍କ ଜୀବନ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନ ଓ ସମାଜକୁ ଉନ୍ନତ କରିବା ପାଇଁ ଉତ୍ସର୍ଗୀକୃତ ହୋଇଥିଲା। ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ମଧ ପାରିପାର୍ଶ୍ୱିକ ଗ୍ରାମ ଓ ସ୍କୁଲମାନଙ୍କରେ ଗ୍ରାମବାସୀ ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସିଏସଆର୍ ମୁଖ୍ୟ ଭର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

